# ଓଡ଼ିଶା ଇଞ୍ଜିନିୟରିଂ କଲେଜ

୦୯/୦୪/୧୯୮୯

ଦୁଇ ସପ୍ତାହର ବ୍ୟତିକ୍ରମ ପରେ 'ଆମଘରର ହାଲଚାଲ' ସମ୍ପର୍କରେ ଚିନ୍ତା କଲାବେଳେ ଅନେକଗୁଡ଼ିଏ କଥା ମନକୁ ଆସୁଥିଲେ ମଧ୍ୟ ଆଜି 'ଓଡ଼ିଶା ଇଞ୍ଜିନିୟରିଂ କଲେଜ' ବିଷୟରେ ଆଲୋଚନା କରିବା ପାଇଁ ଅଧିକ ପ୍ରାସଙ୍ଗିକ ମନେ କରୁଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ଏପରି ଗୋଟିଏ ବେସରକାରୀ ଇଞ୍ଜିନିୟରିଂ କଲେଜ ଅଛି ବୋଲି ବୋଧହୁଏ ଏହାର ପ୍ରଭାବଶାଳୀ ଲାଭଖୋର ଉଦ୍ୟୋକ୍ତା, ଅସହାୟ ଉପଭୋକ୍ତା ଛାତ୍ରଛାତ୍ରୀ, ଅଧ୍ୟାପକମଣ୍ଡଳୀ ଏବଂ ଉଚ୍ଚାଭିଳାଷୀ ଓ ବିତ୍ତଶାଳୀ ଅଭିଭାବକମାନଙ୍କ ଛଡ଼ା ଆଉ କେହି ଜାଣି ନଥିବେ । ଅଥଚ ଗତ ୩ ବର୍ଷ ହେଲା ଏପରି ଏକ ବୈଷୟିକ ଅନୁଷ୍ଠାନ ସରକାରୀ ସ୍ୱୀକୃତି ଓ ବିଶ୍ୱବିଦ୍ୟାଳୟର ଅନୁମୋଦନକ୍ରମେ ମୁଣ୍ଡଟେକି ଉଠିଛି ଏବଂ ଆସନ୍ତାବର୍ଷ ଏହି ଶିକ୍ଷାନୁଷ୍ଠାନରୁ କମ୍ପ୍ୟୁଟର ଇଞ୍ଜିନିୟରିଂଠାରୁ ଆରମ୍ଭ କରି ମେଟାଲର୍ଜି ଏବଂ ଇଲେକ୍ଟ୍ରୋନିକ୍ସ ଆଦି ବିଷୟର ସ୍ନାତକ ଡିଗ୍ରୀଧାରୀ ଯୁବ ଇଞ୍ଜିନିୟରମାନେ ବାହାରିବେ ! ସାଧାରଣତଃ ଏପରି ଏକ ବେସରକାରୀ ଶିକ୍ଷାୟତନ ସମ୍ପର୍କରେ ଏ ସ୍ତମ୍ଭରେ ଆଲୋଚନାର ଅବକାଶ ରହନ୍ତା ନାହିଁ । କିନ୍ତୁ ଗତ କିଛି ଦିନ ହେବ ସେ ଅନୁଷ୍ଠାନର ପରିସର ମଧ୍ୟରେ ଯାହା ଘଟି ଆସିଅଛି ଏବଂ ସେ ଅନୁଷ୍ଠାନ ସମ୍ପର୍କରେ ଯେଉଁ ଯତ୍କିଞ୍ଚିତ୍ ତଥ୍ୟ ଆମର ହସ୍ତଗତ ହୋଇଛି, ସେଥିପାଇଁ ନୈତିକ ଦାୟିତ୍ୱ ଦୃଷ୍ଟିରୁ ଆମେ ଆଲୋଚନା କରିବା ପାଇଁ ବାଧ୍ୟ ହେଉଛୁ ।

ଓଡ଼ିଶାରେ ବହୁ ବେସରକାରୀ ଅନୁଷ୍ଠାନ ଥିବାବେଳେ ଭୁବନେଶ୍ୱରର ଏ ବେସରକାରୀ ଅନୁଷ୍ଠାନ ବିଷୟରେ କାହିଁକି ଅଲଗା ଆଲୋଚନା କରାଯାଉଛି, ଏ ନେଇ ଉଦ୍ୟୋକ୍ତାମାନେ ପ୍ରଶ୍ନ କରିପାରନ୍ତି । ଏ ଆଲୋଚନାକୁ ପରଶ୍ରୀକାତରତା ବୋଲି କହି 'ସବୁ ଠିକ୍ ଚାଲିଛି' ବୋଲି ଆସନ୍ତାକାଲି ସଫେଇ ମଧ୍ୟ ଦିଆଯିବ । କିନ୍ତୁ ସବୁ ଯେ ଠିକ୍ ଚାଲିନାହିଁ ଏକଥା କେବଳ ଆମେ ନୋହୁଁ, ବହୁ ସଚେତନ ନାଗରିକ ଏବଂ ଅଭିଭାବକ ମଧ୍ୟ ହୃଦୟଙ୍ଗମ କରି ସାରିଲେଣି । ତା' ନ ହୋଇଥିଲେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ଭିତରେ ଜୁହୁଳୁଥିବା ଅସନ୍ତୋଷ, ଅଭିଯୋଗ ଏବଂ ଅଭିମାନ ଆଜି ଏକ ବିସ୍ଫୋରକ ରୂପ ନେଇ ନଥାନ୍ତା । କିନ୍ତୁ ସେମାନେ ଆଜି ଅସହାୟ ଓ ନିରୁପାୟ । କଲେଜଟିର ପରିଚାଳନାବୋର୍ଡ଼ ହୁଏତ ଏ ପ୍ରକାର ଏକ ଅଚଳାବସ୍ଥାକୁ ନିଜନିଜ କାରଣରୁ ସ୍ୱାଗତ କରୁଛନ୍ତି । ତା' ନ ହୋଇଥିଲେ

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

କଲେଜରେ ପରିଚାଳନାଗତ ଅପାରଗତା, ଶିକ୍ଷାଦାନରେ ଅନିୟମିତତା, ଗୁଣାତ୍ମକ ଶିକ୍ଷାଦାନରେ ଅସମର୍ଥତା ଆଦି ଦୁର୍ବଳତା ଗୁଡ଼ିକୁ ଛାତ୍ର ଓ ଅଧ୍ୟାପକମାନଙ୍କ ମୁଣ୍ଡ ଉପରେ ବୋଳିଦେଇ ଉଦ୍ୟୋକ୍ତାମାନେ ନିଶ୍ଚିନ୍ତରେ ବସି ନଥାନ୍ତେ କି ନିଜର ବିତ୍ତ ଏବଂ ପ୍ରତିପତ୍ତି ବଳରେ କେତେକ ଛାତ୍ର ଏବଂ ଅଧ୍ୟାପକମାନଙ୍କ ବିରୁଦ୍ଧରେ ମିଛ ପୋଲିସ କେଶ୍ କରି ଅସହାୟ ଅଭିଭାବକମାନଙ୍କୁ ଅଧିକ ଅସହାୟ କରୁ ନଥାନ୍ତେ ।

ବେସରକାରୀ ଅନୁଷ୍ଠାନଟିଏ ବୋଲି ଯେ ଅନ୍ୟ କାହାରି ଏ ବିଷୟରେ କିଛି କହିବାର ଅଧିକାର ନାହିଁ, ଏକଥା ଆଦୌ ଗ୍ରହଣଯୋଗ୍ୟ ହେଉନାହିଁ । ଆମ ବିଚାରରେ ପ୍ରତ୍ୟେକ ବେସରକାରୀ ଶିକ୍ଷାନୁଷ୍ଠାନ ଯାହାର ମନ ଓ ଧନବଳରେ ଗଢ଼ି ଉଠିଥାଉନା କାହିଁକି, ଦେଶ ଏବଂ ଜାତିର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସର୍ବସାଧାରଣରେ ଉତ୍ତରଦାୟୀ । ଆଜି ଯେଉଁମାନେ ଉଚ୍ଚାଭିଳାଷ ଏବଂ ବୈଷୟିକ ଜ୍ଞାନପିପାସା ଯାର ଚାପରେ ଲକ୍ଷଲକ୍ଷ ଟଙ୍କା ଦାନକରି ଓଡ଼ିଶା ଇଞ୍ଜିନିୟରିଂ କଲେଜଟିକୁ ଗଢ଼ୁଛନ୍ତି, ସେମାନେ ଏପରି କରି ନଥାନ୍ତେ ଯଦି ସରକାରୀ ସ୍ୱୀକୃତି ଏବଂ ବିଶ୍ୱବିଦ୍ୟାଳୟର ଅନୁମୋଦନ ଏ ଅନୁଷ୍ଠାନକୁ ମିଳି ନଥାନ୍ତା । ତେଣୁ ସରକାର ଏବଂ ବିଶ୍ୱବିଦ୍ୟାଳୟ ମଧ୍ୟ ଏହି କଲେଜର ଅଚଳାବସ୍ଥା ପାଇଁ ସମପରିମାଣରେ ଦାୟୀ । ସରକାର ଏବଂ ବିଶ୍ୱବିଦ୍ୟାଳୟ କାହିଁକି ଏ ଅନୁଷ୍ଠାନକୁ ସ୍ୱୀକୃତି ଦେଲେ ସେ ପ୍ରଶ୍ନ ଆଜି ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯେଦିଓ ଏପରି ଏକ ପ୍ରଶ୍ନର କିଛିଟା ପ୍ରାସଙ୍ଗିକତା ଏବେବି ରହିଛି ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା ସରକାର ଏବଂ ବିଶ୍ୱବିଦ୍ୟାଳୟ ଏ ଅନୁଷ୍ଠାନକୁ ତାଙ୍କର ମାନ୍ୟତା କିପରି ଦେଲେ ଏବଂ କେଉଁଥିପାଇଁ ସମସ୍ତ ପ୍ରକାର ବେନିୟମ କାର୍ଯ୍ୟ ସତ୍ତ୍ୱେ ଏହାକୁ ବରଦାସ୍ତ କରି ଆସିଛନ୍ତି ? ସରକାର ଏବଂ ବିଶ୍ୱବିଦ୍ୟାଳୟ ସାମାନ୍ୟତମ ସଚେତନତା ପ୍ରକାଶ କଲେ ଜାଣିପାରିବେ ଯେ, ଏ ଅନୁଷ୍ଠାନଟିର ଉଦ୍ୟୋକ୍ତା ମଣ୍ଡଳୀ କେବଳ ଯେ ଏକ ପରିବାରର ମୁଷ୍ଟିମେୟ ସମ୍ପର୍କୀୟଙ୍କୁ ନେଇ ଗଠିତ ତାହା ନୁହେଁ, ଗତ ୩ ବର୍ଷ ଭିତରେ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଷ୍ଠାନ ଗଢ଼ିବା ନାଆଁରେ ଛାତ୍ର ଏବଂ ଅଧ୍ୟାପକମାନଙ୍କଠାରୁ ଆଦାୟ କରାଯାଇଛି । ଏ ଟଙ୍କାର ହିସାବ ଦେବାପାଇଁ ବେସରକାରୀ ପାରିବାରିକ ଅନୁଷ୍ଠାନ ଆଇନତଃ ଦାୟୀ ନହେଲେ ମଧ୍ୟ ଯେଉଁଥିପାଇଁ ଏତେଟଙ୍କା ସଂଗ୍ରହ କରାଯାଇଛି, ସେ କାର୍ଯ୍ୟଟି ହୋଇଛି କି ନାହିଁ ତାହା ଜାଣିବା ପାଇଁ ଆମ ସମସ୍ତଙ୍କର ସମାନ ଅଧିକାର ଅଛି । ସରକାର ଏବଂ ବିଶ୍ୱବିଦ୍ୟାଳୟ ତାହା ଜାଣନ୍ତି କି ? ଆମେ ଯେତିକି ଜାଣିଛୁ, ତାହାହେଲା ଯେ ଖୋଦ୍ ରାଜଧାନୀରେ ଏପରି ଏକ ଇଞ୍ଜିନିୟରିଂ କଲେଜ ଅଛି ଯାହାର ନିଜସ୍ୱ ଗୃହ ନାହିଁ, ବୈଷୟିକ ଶିକ୍ଷାପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣ ନାହିଁ ତ ଶିକ୍ଷାଦାନ ପାଇଁ ଅଭିଜ୍ଞ ଅଧ୍ୟାପକମଣ୍ଡଳୀ ନାହାନ୍ତି । ତା'ହେଲେ କେଉଁଥିପାଇଁ କୋଟିକୋଟି ଟଙ୍କା ଆଦାୟ କରାଯାଇଛି ? ସରକାର ଓ ବିଶ୍ୱବିଦ୍ୟାଳୟ କିପରି ଏହାକୁ ବରଦାସ୍ତ କରିଛନ୍ତି ? ଏ ଅନୁଷ୍ଠାନରୁ ଯେଉଁ ଯୁବ ଇଞ୍ଜିନିୟରମାନେ ତିଆରି ହେବେ କେଉଁ ନ୍ୟାୟରେ ଆମେ ସେମାନଙ୍କ ଉପରେ ଭରସା କରିବା ?

ତେଣୁ ଯେଉଁମାନେ ଏ ଅନୁଷ୍ଠାନର ପୃଷ୍ଠପୋଷକତା କରୁଛନ୍ତି ଅଥବା 'ସବୁ ଠିକ୍ ଚାଲିଛି' ବୋଲି କହି ଏହା ସହିତ ସାଲିସ କରୁଛନ୍ତି ସେମାନଙ୍କୁ ଆମ ଜାତି ଏବଂ ଉତ୍ତର ପୁରୁଷମାନେ ଆଦୌ କ୍ଷମା ଦେବେ ନାହିଁ । ଏହା ଜାତିଦ୍ରୋହଠାରୁ କୌଣସି ଗୁଣରେ କମ୍ ନୁହେଁ ।